# ତହସିଲ କାର୍ଯ୍ୟାଳୟ, ଭେଡ଼େନ, ଜି.-ବରଗଡ଼

## (ଲଘୁ ଖଣିଜ ଦ୍ରବ୍ୟ ସକାଶେ ଲିଜ୍ ଇସ୍ତାହାର)

ବିଜ୍ଞପ୍ତି ସଂଖ୍ୟା 2840 / ତା. 30/7/18

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ସକାଶେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଭେଡ଼େନ ତହସିଲ ଅନ୍ତର୍ଗତ ବିଭିନ୍ନ ଲଘୁ ଖଣିଜ ଖାଦାନ ଗୁଡ଼ିକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ତହସିଲଦାର, ଭେଡ଼େନଙ୍କ ଦ୍ୱାରା ନିଲାମ୍ କରାଯିବା ପାଇଁ ସ୍ଥିରିକୃତ ହୋଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Ammendement) Rule-2016 ର Form-M ପୁରଣ ପୂର୍ବକ ତିନି କପି ସହିତ ଟ.୧୦୦୦/-(ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାନ ତଥା ଆବଶ୍ୟକ ଦଲିଲ ସଂଲଗ୍ନ କରି ଜଉମୁଦ ଲଫାପାରେ ଏହି ତହସିଲ କାର୍ଯ୍ୟାଳୟରେ ଆବେଦନ କରି ପାରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ତା.୩୦/୦୮/୨୦୧୮ ଦିବା ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟର ଡ୍ରପ ବକ୍ସରେ ପକାଯାଇ ଉକ୍ତ ଦିନ ୩ ଘଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକୁ ତନଖି କରାଯାଇ ସର୍ବୋଚ୍ଚ ଲିଜ୍ ଦରଖାସ୍ତକୁ ବିଚାରକୁ ନିଆଯାଇ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରାଯିବ ତଥା ଅସଂପୂର୍ଣ୍ଣ ଦରଖାସ୍ତ ଗୁଡ଼ିକ ଖାରଜ କରାଯିବ । ଏଣୁ ଧାର୍ଯ୍ୟ ତାରିଖ ତଥା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତ ରହିବାକୁ ଅନୁରୋଧ । ଯଦି ଉପସ୍ଥିତ ନ ରହନ୍ତି ତାହେଲେ କେହି ଦାୟୀ ରହିବେ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସଂକ୍ରାନ୍ତିୟ ସଂପୂର୍ଣ୍ଣ ବିବରଣୀ ଇତ୍ୟାଦି ତହସିଲ ଅଫିସ ଭେଡ଼େନ ତଥା ବରଗଡ଼ ଜିଲ୍ଲା Web site - bargarh.nic.in ରେ ଉପଲବ୍ଧ ହେବ ।

ବି.ଦ୍ର.- କୌଣସି ସୂଚନା ନଦେଇ ଦରକାର ପଡ଼ିଲେ ତହସିଲଦାର
ଭେଡ଼େନ ଲିଜ ତାରିଖକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖି ପାରିବେ ।

ତହସିଲଦାର, ଭେଡ଼େନ
TAHASILDAR
BHEDEN

ଜ୍ଞାପକ ସଂଖ୍ୟା 2841 ତା. 30/7/18

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ବୋର୍ଡ/ସମସ୍ତ ରାଜସ୍ୱ ନିରୀକ୍ଷକ/ସମସ୍ତ ସରପଞ୍ଚ ଭେଡ଼େନ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ/ ଗୋଷ୍ଠି ଉନ୍ନୟନ ଅଧିକାରୀ ଭେଡ଼େନ ପଞ୍ଚାୟତ ସମିତିଙ୍କ ଅବଗତି ତଥା ଇସ୍ତାହାରର ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଭେଡ଼େନ
TAHASILDAR
BHEDEN

ଜ୍ଞାପକ ସଂଖ୍ୟା 2842 ତା. 30/7/18

ଏହାର ଏକକିତା ନକଲ ଜିଲ୍ଲାପାଳ, ବରଗଡ଼/ଉପଜିଲ୍ଲାପାଳ, ବରଗଡ଼ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଭେଡ଼େନ
TAHASILDAR
BHEDEN

ଜ୍ଞାପକ ସଂଖ୍ୟା 2843 ତା. 30/7/18

ଏହାର ଏକକିତା ନକଲ D.I.P.R.O., Bargarh ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଭେଡ଼େନ
TAHASILDAR
BHEDEN